## ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

### ସମିତି ସର୍କୁଲାର ନଂ......... ତା.୦୨.୦୩.୨୦୧୭

ସମସ୍ତ ସମିତିମାନଙ୍କଠାରୁ ଆସିଥିବା ଆସନ୍ତା ୬ ମାସର Milk Projection Plan ଅନୁଧ୍ୟାନ କରି ଦେଖାଯାଉଅଛି ଯେ, ଅଧିକାଂଶ ସମିତିମାନେ ବର୍ତ୍ତମାନ ଯୋଗାଉଥିବା ଦୁଗ୍ଧ ଠାରୁ ୨ଗୁଣା ରୁ ୮ଗୁଣ। ପର୍ଯ୍ୟନ୍ତ ଦୁଗ୍ଧ ଆସନ୍ତା ମେ, ଜୁନ୍, ଜୁଲାଇ ମାସରେ ଦୁଗ୍ଧ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସଂଘକୁ ସମସ୍ତ ସମିତିମାନଙ୍କଠାରୁ ଦୈନିକ ହାରାହାରି ୫୯,୦୦୦ ଲିଟର ଦୁଗ୍ଧ ଆସୁଅଛି । ଗତ ଜାନୁଆରୀ ମାସରେ ସଂଘକୁ ଦୈନିକ ହାରାହାରି ୬୨,୫୦୦ ଲିଟର ଦୁଗ୍ଧ ଆସୁଥିଲା ।

ଓମ୍ଫେଡ୍ ଙ୍କ ନିର୍ଦ୍ଦେଶ ମୁତାବକ ଆସନ୍ତା ମେ, ଜୁନ୍, ଜୁଲାଇ ମାସରେ ଦୁଗ୍ଧ ସଂଘ ଯୋଗାଉଥିବା ଦୁଗ୍ଧର ୨୦% ଅଧିକା ଦୁଗ୍ଧ ଗ୍ରହଣ କରିବ । ଯାହାକି ଦୈନିକ ୭୫,୦୦୦ ଲିଟର ଦୁଗ୍ଧ ଓମ୍ଫେଡ୍ ଦୁଗ୍ଧ ସଂଘଠାରୁ ଗ୍ରହଣ କରିବ ।

ଗତ ବର୍ଷ ମାନଙ୍କରେ ତଥା ମେ, ଜୁନ୍, ଜୁଲାଇ ୨୦୧୫ ଏବଂ ମେ, ଜୁନ୍, ଜୁଲାଇ ୨୦୧୬ ରେ ଦୁଗ୍ଧ ସଂଘ ସମିତିମାନଙ୍କ ଠାରୁ ଦୈନିକ ହାରାହାରି ୯୦,୦୦୦ ଲିଟର ରୁ ୧,୧୦,୦୦୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ସଂଗ୍ରହ କରିଥିଲା । କିନ୍ତୁ କେତେକ ଅସାଧୁ ଚାଷୀ/ସମିତିମାନଙ୍କ ଦ୍ୱାରା ଦୁଗ୍ଧ ବାହାରେ ବିକ୍ରୟ ଏବଂ ଅନିୟମିତ ଚାଷୀମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ ଦ୍ୱାରା ଦୁଗ୍ଧ ସଂଘ ଏବଂ ସମିତି ସହ ସଂଶ୍ଳିଷ୍ଟ ପ୍ରକୃତ ଚାଷୀ (Bonafide member) ମାନେ ହଇରାଣରେ ପଡୁଛନ୍ତି । ସମିତିମାନଙ୍କର Individual Register ଅନୁଧ୍ୟାନ କରି ଦେଖାଯାଉଅଛି ଯେ, କେତେକ ସୁବିଧାବାଦୀ ଚାଷୀ କେବଳ ଏପ୍ରିଲ୍ ରୁ ଜୁଲାଇ ମାସରେ ସମିତିରେ ଦୁଗ୍ଧ ଯୋଗାଉଛନ୍ତି ଏବଂ ଅନ୍ୟ ସମୟରେ ବାହାରେ ବିକ୍ରି କରୁଛନ୍ତି । ସେହିମାନଙ୍କ ଯୋଗୁଁ ଦୁଗ୍ଧ ସଂଘ ଏବଂ ସମିତି ସହ ସଂଶ୍ଳିଷ୍ଟ ପ୍ରକୃତ ଚାଷୀ (Bonafide member) ମାନେ ବଦନାମ ହେଉଛନ୍ତି ।

ସଂଘ ତରଫରୁ ସଭ୍ୟ/ସଭ୍ୟାମାନଙ୍କ ପାଇଁ ବିଭିନ୍ନ ସମୟରେ ଦିଆଯାଉଥିବା ସୁବିଧା ଯଥା- କୃମି ନିରାକରଣ ଔଷଧ, ପ୍ରାଥମିକ ଚିକିତ୍ସା ଔଷଧ, ଟୀକାକରଣ, ଖଣିଜ ଲବଣ, ଘାସଚାଷ, RBP କାର୍ଯ୍ୟକ୍ରମ A.I କାର୍ଯ୍ୟକ୍ରମ ଆଦି ବହୁଳ ଭାବରେ ଦିଆଗଲେ ମଧ୍ୟ ସମିତିମାନଙ୍କରେ ସୁବିଧାବାଦୀ ଚାଷୀମାନେ ଦୁଗ୍ଧ ନ ଯୋଗାଇ ବାହାରେ ବିକ୍ରି କରୁଛନ୍ତି ଯାହା ଅତ୍ୟନ୍ତ କ୍ଷୋଭର ବିଷୟ ।

ଏଥିପାଇଁ ସମସ୍ତ ସମିତିମାନଙ୍କୁ ଅନୁରୋଧ, ସେମାନେ ଆସନ୍ତା ମାସ ମାନଙ୍କରେ କେବଳ ପ୍ରକୃତ ଚାଷୀ (Bonafide member) ମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରି ସଂଘକୁ ପ୍ରେରଣ କରିବେ ଏବଂ କଦାପି ଜାନୁଆରୀ-୨୦୧୭ ଦୁଗ୍ଧର ୨୦% ଠାରୁ ଅଧିକା ହେବ ନାହିଁ ।

ପୁନଃ ଦେଖାଯାଉଅଛି ଯେ, କିଛି ସମିତିମାନଙ୍କରୁ ଦୁଗ୍ଧ ଅପମିଶ୍ରଣ ହୋଇ ଆସୁଅଛି, ଯାହାକୁ କି ସଂଘ ବାରମ୍ବାର reject କରୁଅଛି । ଏହି ଅପମିଶ୍ରଣକୁ ପ୍ରତିରୋଧ କରିବାକୁ ଅନୁରୋଧ ।

କସ୍ମିନ୍‌କାଳେ ଅସାଧୁ, ବେପାରୀ, ସାଇକେଲ୍‌ରେ ଦୁଗ୍ଧ ସଂଗ୍ରହ କରୁଥିବା ବ୍ୟକ୍ତି, ଅଣଚାଷୀ, ସୁବିଧାବାଦୀ ଚାଷୀ ଏବଂ ଅନିୟମିତ ଚାଷୀଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରି ଅପ୍ରିତିକର ପରିସ୍ଥିତି ଉପୁଜାଇବେ ନାହିଁ ।

ସମସ୍ତ ସମିତିମାନଙ୍କର ସଂପାଦକ/ସଂପାଦିକାମାନଙ୍କୁ ଏହା ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବେ ଏବଂ ଏହା ଉପରେ ସମିତିର ପରିଚାଳନା ପରିଷଦ ବୈଠକରେ ନିଷ୍ପତ୍ତି ଗ୍ରହଣ କରିବାକୁ ଅନୁରୋଧ ।

ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ ନଂ............ ତା.୦୨.୦୩.୨୦୧୭

ନକଲ ପାଇବେ –

୧. ସମସ୍ତ ସମିତି/ ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା/ଅଂଚଳ ଭାରପ୍ରାପ୍ତ ଅଧିକାରୀ/ଡେପୁଟୀ ମ୍ୟାନେଜର.... ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା ମାନେ Individual Register କଡ଼ାକଡ଼ି ଭାବରେ ଯାଂଚ୍ କରି ତଦାରଖ କରିବେ ଏବଂ ପ୍ରକୃତ ଚାଷୀ ଯେଉଁମାନେ ୨୫୦ ଦିନରୁ ଅଧିକ ଦୁଗ୍ଧ ଯୋଗାଇଥିବା ସମିତିମାନଙ୍କର ତାଲିକା ପ୍ରସ୍ତୁତ କରି ସଂପାଦକ/ସଂପାଦିକାମାନଙ୍କୁ ସେହିମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରିବେ ଏବଂ କେଉଁ ସମିତିମାନଙ୍କ ଠାରୁ କେତେ ଦୁଗ୍ଧ ସଂଗ୍ରହ କରାଯିବ ଓମ୍ଫେଡ୍ ନିର୍ଦ୍ଦେଶ ଅନୁଯାୟୀ ଏହା ସମିତିମାନଙ୍କୁ ଲିଖିତ ଭାବରେ ଜଣାଇଦେବେ ।

୨. Dy.General Manager (P&I), Omfed, Bhubaneswar.

୩. Managing Director, Omfed, Bhubaneswar.

ସାଧାରଣ ପରିଚାଳକ